# ସରଳ ହୃଦୟ ବାଳକ-ବାଳିକା

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ପୁରାତନ ଯୁଗ ସମାପ୍ତ ହୋଇସାରିଛି । ନୂତନ ଅତିମାନସ ସତ୍ୟ ଯଦ୍ୟପି ପୃଥିବୀରେ ବିଦ୍ୟମାନ ଅଛି ତଥାପି ଅତିମାନସ ସତ୍ୟଯୁଗ କ୍ରିୟାଶୀଳ ହୋଇ ନାହିଁ । ଉପସ୍ଥିତ ସମୟ ହେଉଛି ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ । ଏହି କାରଣରୁ ସଂସାରରେ ଅଧିକ ଅସତ୍ୟ, ମିଥ୍ୟାଚାରର କ୍ରିୟା ଦୃଷ୍ଟିଗୋଚର ହେଉଅଛି । ଏହି ଅବାଞ୍ଛିତ ବାହ୍ୟ ପରିସ୍ଥିତିର ପଶ୍ଚାତ୍‌ରେ ଅତିମାନସ ସତ୍ୟଯୁଗ ଶିଶୁରୂପେ ପ୍ରାଦୁର୍ଭୂତ ହୋଇସାରିଛି ।

ଏହି ସମୟରେ ଯେଉଁମାନେ ଏହି ନୂତନ ଅତିମାନସ ସତ୍ୟ ସମ୍ବନ୍ଧେ ସଚେତ ହୋଇଅଛନ୍ତି, ଯେଉଁମାନେ ଗ୍ରହଣ କରିଅଛନ୍ତି ସେହିମାନେ ଭାଗ୍ୟବାନ୍ । ସେମାନଙ୍କଠାରୁ ଅଧିକ ଭାଗ୍ୟବାନ୍ ସେମାନଙ୍କର ସଂସ୍ପର୍ଶରେ ଥିବା ବାଳକ-ବାଳିକା । ବାଳକ-ବାଳିକାମାନଙ୍କ ହୃଦୟ ଶୁଦ୍ଧ, ସରଳ, ନିଷ୍କପଟ, ସ୍ୱଚ୍ଛ ବସ୍ତ୍ରତୁଲ୍ୟ । ଏହି ସମୟରେ ସେମାନଙ୍କୁ ଯଦି ଗୃହରେ ତଥା ଶିକ୍ଷାରେ ଅତିମାନସ ସତ୍ୟର ପରିବେଶ ପ୍ରାପ୍ତ ହେବ ତେବେ ସେମାନଙ୍କର ସ୍ୱଚ୍ଛ ବସ୍ତ୍ର ସଦୃଶ ହୃଦୟରେ ଉତ୍ତମ ରଙ୍ଗ ସଦୃଶ ସତ୍ୟର ପ୍ରଭାବ ପଡ଼ି ସଂସ୍କାରରେ ପରିଣତ ହେବ । ସେମାନଙ୍କର ମନ, ପ୍ରାଣ, ଶରୀର ତଥା ଆତ୍ମାର ସର୍ବାଙ୍ଗୀନ ବିକାଶ ହେବ । ସେମାନଙ୍କ ମଧ୍ୟରେ ସମସ୍ତ ସଦ୍‌ଗୁଣ ନିବାସ କରିବ । ସେହିମାନେ ହେବେ ନୂତନ ଅତିମାନସ ଯୁଗ ଅତିମାନବର ଅଗ୍ରଦୂତ । ସେହିମାନେ ହେବେ ଉପସ୍ଥିତ ମାନବ ଗୁଣ ଧର୍ମ ବ୍ୟବହାରରୁ ସଂପୂର୍ଣ୍ଣ ଭିନ୍ନ । ସେହିମାନେ ଅତିମାନସ ସତ୍ୟ ଦ୍ୱାରା ପରିଚାଳିତ ହେବେ ଆଗମନୀ ସତ୍ୟ ଯୁଗ ଆଡ଼କୁ, ଯେଉଁ ଅତିମାନସ ସତ୍ୟଯୁଗ ଆମ୍ଭେମାନେ ବାସ କରୁଥିବା ଯୁଗଠାରୁ ସଂପୂର୍ଣ୍ଣ ଭିନ୍ନ ନୁହେଁ, ସଂପୂର୍ଣ୍ଣ ବିପରୀତ ମଧ୍ୟ । ସେ ଯୁଗ ଧର୍ମରେ ହିଂସା, ଦ୍ୱେଷ, ବୈର, ବିରୋଧ, ଅହଂ, ସ୍ୱାର୍ଥ, ଅଜ୍ଞାନ, ଦୁଃଖକଷ୍ଟ ରହିବ ନାହିଁ । ସେଯୁଗର ବ୍ୟକ୍ତି ମନ-ପ୍ରାଣ-ଶରୀରରେ ଉପଲବ୍ଧି କରିବ ଭଗବାନଙ୍କୁ, ନିବାସ କରିବ ପରମାନନ୍ଦ, ପରମଜ୍ଞାନସ୍ୱରୂପ ଭଗବାନଙ୍କ ମଧ୍ୟରେ, ପରିଚାଳିତ ହେବ ଭଗବାନଙ୍କ ଦ୍ୱାରା । ଏହି ଅଜ୍ଞାନ, ଦୁଃଖ-କଷ୍ଟପୂର୍ଣ୍ଣ ମୃତ୍ୟୁପୁରୀ ପରିଣତ ହେବ ସ୍ୱର୍ଗରେ ।

ଯେଉଁ ପିତାମାତା ନିଜ ସନ୍ତାନମାନଙ୍କର ସର୍ବାଙ୍ଗୀନ ବିକାଶ, ସର୍ବ ଦିବ୍ୟଗୁଣଭୂଷଣ, ଆଦର୍ଶ ମାନବ, ନୂତନ ଅତିମାନସ ସତ୍ୟଯୁଗ ଆଡ଼କୁ ଅଗ୍ରଦୂତ ବା ଯାତ୍ରୀ ହେବାକୁ ଚାହାନ୍ତି ସେମାନେ ଅତିମାନସ ସତ୍ୟକୁ ଗ୍ରହଣ କରନ୍ତୁ । ଏହାକୁ ଲକ୍ଷ୍ୟ ରଖି ଘରେ କଳିକଜିଆ, ବାଦବିବାଦ, ପ୍ରତିବାଦ, ରାଗ ତ୍ୟାଗ କରନ୍ତୁ । ପିଲାଙ୍କ ଉପରେ ରାଗ କରନ୍ତୁ ନାହିଁ, ଆଖି ତରାଟନ୍ତୁ ନାହିଁ, ଭୁଲ୍‌ରେ ବି ମାରନ୍ତୁ ନାହିଁ, ତା' ସଙ୍ଗେ ସଙ୍ଗେ ବାହ୍ୟ ଗେହ୍ଲାବସର କରି ପିଲାଙ୍କ ମୁହଁ ବଢ଼ାନ୍ତୁ ନାହିଁ । ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ, ଧୂପ-ପୁଷ୍ପ ଅର୍ପଣ କରନ୍ତୁ । କିଛି ସମୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ତଥା ଲୋକ-ସାହିତ୍ୟ ଆଲୋଚନା କରନ୍ତୁ । କିଛି ସମୟ ଧ୍ୟାନ କରନ୍ତୁ । ଘର, ପରିବାର ମା'ଙ୍କର ମାନି ତାଙ୍କରି ସେବା ଭାବରେ ସମସ୍ତ କର୍ମ କରି ତାଙ୍କୁ ସମର୍ପଣ କରନ୍ତୁ । ଘରକୁ କରନ୍ତୁ ଅଧ୍ୟାତ୍ମ ସାଧନାର ଆଶ୍ରମ । ପରିବାର ହୁଅନ୍ତୁ ଅତିମାନସ ସତ୍ୟ ଉପଲବ୍ଧି କରିବା ପ୍ରୟାସୀ ବା ସାଧକ । ଏହି ଆଦର୍ଶ ଆଚରଣ କଲେ ସ୍ୱୟଂ ଦ୍ୱନ୍ଦ୍ୱ, ଦୁଃଖକଷ୍ଟ, ମନସ୍ତାପରୁ ବହୁ ପରିମାଣରେ ମୁକ୍ତ ହୋଇ ଲକ୍ଷ୍ୟ ଆଡ଼କୁ ଯାତ୍ରା କରିପାରିବେ । ସନ୍ତାନମାନେ ସତ୍ୟ ଉପଲବ୍ଧି ସକାଶେ ମହାନ୍ ସୁଯୋଗ ପାଇବେ । ସେମାନଙ୍କର ହୃଦୟରେ ଉତ୍ତମ ଅତିମାନସ ସତ୍ୟର ପ୍ରଭାବ ପଡ଼ିବ ।

ଏହା ସଙ୍ଗେ ଅତିମାନସ ସତ୍ୟ ଆଧାରରେ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରନ୍ତୁ । ଏହି ଅତିମାନସ ଆଧାରିତ ଶିକ୍ଷାନୁଷ୍ଠାନର ପ୍ରାଣ ହେଉଛନ୍ତି ଶିକ୍ଷକ । ଶିକ୍ଷକମାନେ ସାଧକ ହେଲେ ସେମାନଙ୍କର ସମସ୍ତ କର୍ମ ସହିତ ଶିକ୍ଷା ହେବ ଅତିମାନସ ସତ୍ୟ ଆଧାରରେ । ଯଥାର୍ଥରେ ଶିକ୍ଷା ହେବ ଅତିମାନସ ସତ୍ୟ ଶିକ୍ଷାର କେନ୍ଦ୍ର । ସେଠାରେ ସପ୍ତାହରେ ଗୋଟିଏ ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ସମୟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖି ଧୂପ-ପୁଷ୍ପ ଅର୍ପଣ କରିବେ । ଶିକ୍ଷକମାନଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ବସି କିଛି ସମୟ ନୀରବରେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଧ୍ୟାନ କରିବେ । ପରେ ପିଲାଙ୍କ ସାଧନା,

ଶିକ୍ଷା, ଆଲୋକୋନ୍ମୁଖ ତରୁଣମାନଙ୍କ ପ୍ରତି, ଛାତ୍ରଜୀବନରେ ଉନ୍ନତିର ମାର୍ଗ, ଛାତ୍ରମାନଙ୍କ ପ୍ରତି, ଛାତ୍ରସମାଜ ଗଠନ, ପୂର୍ଣ୍ଣାଙ୍ଗ ଜୀବନରେ ଶରୀରଚର୍ଚ୍ଚା, ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ଇତ୍ୟାଦି ବହି ଜଣେ ପଢ଼ିବେ ଏବଂ ଛାତ୍ରମାନେ ବୁଝିପାରିବା ଭାଷାରେ ସେମାନଙ୍କୁ ବୁଝେଇ ଦେବେ ।

ଶିଶୁମାନଙ୍କ ହୃଦୟ କୋମଳ ଲତା ସଦୃଶ । କୋମଳ ଅବସ୍ଥାରେ ଲତାକୁ ଯେପରି ଚାହିଁବ ସେପରି ସିଧାସଳଖ କରିପାରିବ । କିନ୍ତୁ ଲତା ପ୍ରୌଢ଼ ବା ପାକଳ ହୋଇ ବଙ୍କାଟଙ୍କା ହେବା ପରେ ସିଧାସଳଖ କରିବା ସମ୍ଭବ ହେବ ନାହିଁ । ଶିଶୁମାନଙ୍କୁ ବାଲ୍ୟାବସ୍ଥାରୁ ଅତିମାନସ ସତ୍ୟଭିତ୍ତିରେ ଶିକ୍ଷା ଦିଆ ହେଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଦର୍ଶ ମାନବ ହେବେ ଏବଂ କୁଳ ତଥା ସମାଜ ଓ ଦେଶର ଉନ୍ନତି କରିପାରିବେ । ଏହିପରି ସ୍କୁଲ୍ ବହୁଳ ପରିମାଣରେ ହୋଇପାରିବ ଯଦି ପାଠଚକ୍ର ବିସ୍ତୃତଭାବେ ପ୍ରତିଷ୍ଠା ହେବ । କାରଣ ପାଠଚକ୍ର ପ୍ରସାରରେ ସାଧନାସମ୍ପନ୍ନ ଶିକ୍ଷକ ତିଆରି ହୋଇପାରିବେ । ଶିକ୍ଷକମାନେ ସାଧକ ନ ହେଲେ ଏହି ନୂତନ ଆଦର୍ଶ ସ୍କୁଲରେ ଅତିମାନସ ବାତାବରଣ ସୃଷ୍ଟି ହୋଇପାରିବ ନାହିଁ । ଏହିପରି ସ୍କୁଲର ବିସ୍ତାରରେ ଆସ୍ତେ ଆସ୍ତେ ଉଚ୍ଚଶିକ୍ଷାର ସ୍କୁଲ ଏବଂ କଲେଜ ମଧ୍ୟ ପ୍ରତିଷ୍ଠିତ ହେବ । ଏହି ଅତିମାନସ ଆଧାରିତ ଶିକ୍ଷା ଫଳରେ ସତ୍ୟ ଭିତ୍ତିରେ ହେବ ବ୍ୟବସାୟ, କୃଷି ତଥା ରାଜନୀତି । ଏହି ଅତିମାନସ ସତ୍ୟ ଯେତେ ବିସ୍ତୃତ ହେବ ସେହି ଅନୁସାରେ ବ୍ୟକ୍ତି ଓ ସମାଜରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର କମ୍ ହେବ ଏବଂ ଅତିମାନସ ସତ୍ୟଯୁଗର ସତ୍ୟ କ୍ରିୟା ପ୍ରସାର ହେବ । ଏହାଛଡ଼ା ବ୍ୟକ୍ତି, ସମାଜ, ଦେଶ ତଥା ଜଗତରେ କ୍ରିୟାଶୀଳ ହେଉଥିବା ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଦୁଃଖକଷ୍ଟ ଦୂର ହେବାର ଅନ୍ୟ ଉପାୟ ନାହିଁ । ଯେଉଁମାନେ ନିଜର, ପରିବାର ତଥା ସନ୍ତାନମାନଙ୍କର, ସମାଜ, ଦେଶ ତଥା ଜଗତର ହିତ ଚାହାନ୍ତି ସେମାନେ ଅତିମାନସ ସତ୍ୟକୁ ଗ୍ରହଣ କରନ୍ତୁ ଏବଂ ତା'ର ପ୍ରସାର ସକାଶେ କର୍ମ କରନ୍ତୁ । ଶ୍ରୀମା'ଙ୍କ ଶତବାର୍ଷିକୀରେ ଏହି କର୍ମହିଁ ଭଗବାନଙ୍କର ଯଥାର୍ଥ ସେବା ।